# କଖାରୁ ଜାତୀୟ ପନିପରିବାରେ ଫଳମାଛି (FRUIT FLY) ପୋକର ସମନ୍ୱୀତ ପରିଚଳନା:-

- ଫଳମାଛିଟି କଖାରୁ ଜାତୀୟ ପନିପରିବାର କଅଁଳ ଫଳ ଉପରେ ଅଣ୍ଡାଦେଇ ତାକୁ ଅଠାଳିଆ ପଦାର୍ଥରେ ଘୋଡ଼ାଇ ଦେଇଥାଏ । ଅଣ୍ଡାରୁ ଶୁକ ବାହାରି ଫଳ ମଧ୍ୟରେ ପ୍ରବେଶ କରି ତା ତନ୍ତୁକୁ ଖାଇ ଫଳକୁ ପଚାଇ ଦିଏ । ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧୦ ଗୋଟି କ୍ୟୁ ଲିଓର ଥିବା ଫଳମାଛି ଯନ୍ତା ବସାନ୍ତୁ । ଏହି ଯନ୍ତାକୁ କେବଳ ପୁରୁଷ ମାଛି ଆକୃଷ୍ଟ ହୋଇ ଆସନ୍ତି । ଆକ୍ରାନ୍ତ ଫଳ ଗୁଡ଼ିକୁ ହାତରେ ସଂଗ୍ରହ କରି ଗାତ କରି ପୋତି ଦିଅନ୍ତୁ ।
- ଫସଲର ଖାଲି ସ୍ଥାନରେ ଏକର ପ୍ରତି ୮ ରୁ ୧୦ କି.ଗ୍ରା ମାଲାଥିଅନ ୫% ଗୁଣ୍ଡ କିମ୍ୱା ଫେନ୍‌ଭାଲେରେଟ୍ ୦.୪% ଗୁଣ୍ଡ ମାଟିରେ ମିଶାଇ ଦିଅନ୍ତୁ ।
- ୧ ଲିଟର ପାଣିରେ ୧୦୦ ଗ୍ରାମ ଗୁଡ଼ + ୨ ମି.ଲି. ମାଲାଥିଅନ୍ ୫୦% ଇ.ସି. କିମ୍ୱା ୨ ଗ୍ରାମ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ.ପି. କୀଟ ନାଶକ ମିଶାଇ ଫଳ ମାଛି ପାଇଁ ଆକୃଷ୍ଟକାରୀ ଥୋପ ତିଆରି କରନ୍ତୁ । ଏହି ଥୋପକୁ ଫଳ ଆସିବା ସମୟରେ ଏକର ପ୍ରତି ୧୦ ରୁ ୧୫ ଟି ସ୍ଥାନରେ ସରାରେ ବସାନ୍ତୁ । ଏହି ପୋକର ନିୟନ୍ତ୍ରଣ ପାଇଁ ମଧ୍ୟ ୧ କେ.ଜି. କଖାରୁ କୁ ବାଟି ସେଥିରେ ୧୦୦ ଗ୍ରାମ ଗୁଡ଼ ଏବଂ ୧୦ମି.ଲି ମାଲାଥୟିନ୍ ମିଶାଇ ତାକୁ ବିଭିନ୍ନ ସ୍ଥାନରେ (୧୦ ରୁ ୧୫ ପ୍ରତି ଏକର ) ରଖିଲେ ପୋକ ଆକ୍ରମଣ କମିଯାଇଥାଏ ।
- ଏକର ପ୍ରତି ୧ କ୍ୱିଣ୍ଟାଲ ନିମ୍ୱ ପିଡ଼ିଆ ଶେଷ ଓଡ଼ ଚାଷ ସମୟରେ ମାଟିରେ ପ୍ରୟୋଗ କରନ୍ତୁ ।
- ଏହି ପୋକର ରାସାୟନିକ ପରିଚାଳନା ପାଇଁ ୧ ଲିଟର ପାଣିରେ ୧୦ ଗ୍ରାମ ଗୁଡ଼ ଏବଂ ଡ଼େଲ୍‌ଟାମେଥ୍ରିନ୍ ୨.୮ ଇ.ସି. ୧ ମି.ଲି କୁ ମିଶାଇ ସିଞ୍ଚନ କରନ୍ତୁ ।
- ଅନ୍ୟ ଏକ ନୂତନ ପିଢିର କୀଟନାଶକ, ସ୍ପିନୋସେଡ୍ ୪୫ ଏସ୍.ସି ପ୍ରତି ଲିଟର ପାଣିରେ ୦.୪ ମି.ଲି ମିଶାଇ ସିଞ୍ଚନ କଲେ ଫଳମାଛି ପୋକ ଆକ୍ରମଣ ନିୟନ୍ତ୍ରଣ ହୋଇଥାଏ ।


**କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼**

**KRISHI VIGYAN KENDRA, NAYAGARH**

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR

AT-PANIPOILA, PO-BALUGAON, DIST- NAYAGARH, PIN- 752070